# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 31st July - 2024
### News Editor : *Itishree Singh Rathaur*

*********************************

***Desk***

## ବିକଶିତ ଓଡ଼ିଶା

ରାଜ୍ୟ ସରକାର ସୁଶାସନ ଓ ଓଡ଼ିଆ ଅସ୍ମିତା ବଜାୟ ରଖିବାପାଇଁ ପ୍ରତିଶ୍ରୁତିବଦ୍ଧ । ବିଧାନସଭାରେ ଗତକାଲି ବଜେଟ୍ ସମ୍ପର୍କିତ ଆଲୋଚନାରେ ଭାଗ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ସେ କହିଛନ୍ତି, ଏଥିଲାଗି ବଜେଟ୍‌ରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଆସନ୍ତା ୨୦୩୬ରେ ଓଡ଼ିଶା ଗଠନ ଶତବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ସରକାର ବିକଶିତ ରାଜ୍ୟ ଗଠନପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ବଜେଟ୍ ଏହାର ମୂଳଦୂଆ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନା ଅନୁସାରେ, ଗତ ୨୫ ତାରିଖରେ ଅର୍ଥବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ ।

*Desk*

# ବିଧାନସଭା - ଲେଖା ଅନୁଦାନ

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରିଥିବା ୯୫ ହଜାର କୋଟି ଟଙ୍କାର ଲେଖା ଅନୁଦାନକୁ ମଞ୍ଜୁର କରାଯାଇଛି । ଆସନ୍ତା ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ବିଭିନ୍ନ ସେବା ଓ ଉଦ୍ଦେଶ୍ୟ ସାଧନ ନିମିତ୍ତ ଖର୍ଚ୍ଚ ତୁଲାଇବା ଲାଗି ଲେଖା ଅନୁଦାନ ଅନୁସୂଚୀର ସପ୍ତମ ସ୍ତମ୍ଭରେ ସୂଚିତ ମୋଟ ହିସାବ ରୂପେ ଦର୍ଶା ଯାଇଥିବା ଏହି ଅନୁଦାନକୁ ବିଧାନସଭାରେ ବାଚନିକ ଭୋଟ୍ ମାଧ୍ୟମରେ ବାଚସ୍ପତି ମଞ୍ଜୁର କରିଛନ୍ତି ।

*Desk*

# କେନ୍ଦ୍ର ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଆର୍ଥିକ ବର୍ଷପାଇଁ ଆଗତ କରିଥିବା କେନ୍ଦ୍ରୀୟ ବଜେଟ୍ ଗତକାଲି ଲୋକସଭାରେ ଗୃହୀତ ହୋଇଛି । ୪୮ ଲକ୍ଷ ୨୧ ହଜାର କୋଟି ଟଙ୍କାର ବଜେଟ୍ ବାଚନିକ ଭୋଟ୍ ମାଧ୍ୟମରେ ଗୃହୀତ ହୋଇଛି । ସୂଚନା ଅନୁସାରେ ଗତ ୨୩ ତାରିଖରେ ଲୋକସଭାରେ ସାଧାରଣ ବଜେଟ୍ ଉପସ୍ଥାପିତ ହୋଇଥିଲା ।

*Desk*

# ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ସରକାର ପ୍ରଶିକ୍ଷଣ ମାଧ୍ୟମରେ ଯୁବପିଢ଼ିଙ୍କୁ ରୋଜଗାରକ୍ଷମ କରାଇବା ଲକ୍ଷ୍ୟ ରଖିଛନ୍ତି ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଜାତୀୟ ଶିକ୍ଷାନବୀଶ ପ୍ରଶିକ୍ଷଣ ଯୋଜନା (ନାଟ୍‌ସ୍) -୨.୦ ପୋର୍ଟାଲ୍‌ର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ନିଯୁକ୍ତି ସୁଯୋଗକୁ ଗତି ଦେବା ସହ ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ହେଉଛି ଏହି ପୋର୍ଟାଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ବର୍ତ୍ତମାନ ସମୟ କେବଳ ଡିଗ୍ରୀ ହାସଲ କରିବାପାଇଁ ନୁହେଁ; ବରଂ ଦକ୍ଷତା ବିକାଶ ଦିଗରେ ଗୁରୁତ୍ୱ ବହନ କରେ ବୋଲି ସେ କହିଛନ୍ତି । ଏହି ଅବସରରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ଶିକ୍ଷାମନ୍ତ୍ରୀ ଛାତ୍ରବୃତ୍ତି ଆକାରରେ ୧୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ।

*Desk*

# ରେଳ ନିରାପତ୍ତା

ରେଳ ନିରାପତ୍ତାକୁ ଅଧିକ ସଶକ୍ତ କରିବା ସହିତ ଟ୍ରେନ୍‌ର ଗତି ବୃଦ୍ଧି ଦିଗରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନସ୍ଥ ଭଦ୍ରକ-ପଲଶା ଏବଂ ଖୋର୍ଦ୍ଧାରୋଡ୍-ପୁରୀ ରେଳ ସେକ୍ସନରେ ଟ୍ରାକ୍ ନିରାପତ୍ତା ଜନିତ ରେଳ

ଧାରଣା କଡ଼ରେ ବାଡ଼ ଦେବା ଲାଗି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି । ଏଥିଲାଗି ଟ୍ରାକ୍ ନିକଟରେ ନିଜ ସୀମା ମଧ୍ୟରେ ପ୍ରାଚୀର ନିର୍ମାଣ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପ୍ରାୟ ୨୭୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହାଦ୍ୱାରା ଟ୍ରାକ୍ ନିକଟରେ ବିଚରଣ କରୁଥିବା ଗୃହପାଳିତ ପଶୁ ରେଳ ଲାଇନ୍‌ରେ ପ୍ରବେଶ କରିପାରିବେ ନାହିଁ । ନିକଟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ବନ୍ଦେ ଭାରତ ଟ୍ରେନ୍‌ର ଚଳାଚଳକୁ ସୁଗମ କରିବା ସହିତ ୧୩୦ କିଲୋମିଟର ବା ଏହାଠାରୁ ଅଧିକ ବେଗରେ ନିରାପଦରେ ଟ୍ରେନ୍ ଚଳାଚଳ କରିବା ଲାଗି ନିରାପତ୍ତାଜନିତ ବାଡ଼ ଦେବା କାର୍ଯ୍ୟ ଆରମ୍ଭ କରାଯିବ ।

***IPR***

# ମୁଖ୍ୟ ଶାସନ ସଚିବ - ସମୀକ୍ଷା ବୈଠକ

ରାଜ୍ୟରେ ସମ୍ପ୍ରତି ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ବିଭିନ୍ନ ଜଳଭଣ୍ଡାରର ଜଳସ୍ତର ଓ ନଦୀଗୁଡିକରେ ଜଳପ୍ରବାହ ସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି । ବୈଠକରେ ହୀରାକୁଦ ଓ ରେଙ୍ଗାଲୀ ଜଳଭଣ୍ଡାର ସମେତ ଅନ୍ୟାନ୍ୟ ବୃହତ୍ ଓ ମଧ୍ୟମ ଜଳଭଣ୍ଡାରଗୁଡ଼ିକର ଜଳଧାରଣ କ୍ଷମତା ଓ ବର୍ତ୍ତମାନର ଜଳସ୍ତର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଇଛି । ଲଗାଣ ବର୍ଷାଜନିତ ପ୍ରଭାବ ଓ ପରବର୍ତ୍ତୀ ପଦକ୍ଷେପ ଲାଗି ପୂର୍ବରୁ ଏ ସମ୍ପର୍କରେ ରହିଥିବା ମାର୍ଗଦର୍ଶିକା ଅନୁଯାୟୀ ଅଧିକ କ୍ରିୟାଶୀଳ କରାଯିବା ଉପରେ ମୁଖ୍ୟ

ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ଏଥିସହ କୌଣସି କ୍ଷେତ୍ରରେ ଯେପରି ଜୀବନହାନୀ ନ ହୁଏ, ସେଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ସହରୀ ବନ୍ୟା - ବ୍ଲୁ-ପ୍ରିଣ୍ଟ

ସହରୀ ବନ୍ୟା ରୋକିବା ଲାଗି ସରକାର ଏକ ବ୍ଲୁ-ପ୍ରିଣ୍ଟ୍ ପ୍ରସ୍ତୁତ କରିଛନ୍ତି । ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏ ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକରୁ ଏହି ସୂଚନା ମିଳିଛି । ବର୍ଷା ସମୟରେ ଡ୍ରେନ୍ ଜଳ ନିଷ୍କାସନ କରିବା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି । ସହରରେ ଥିବା ନାଳଗୁଡ଼ିକରେ ବାରିକେଡ୍ କରିବା ସହିତ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା, ଡ୍ରେନ୍ ସ୍ଲାବ୍‌ରେ ଯେପରି ଦୁର୍ଘଟଣା ନ ଘଟେ, ସେଥିପ୍ରତି ଧ୍ୟାନ ଦେବାକୁ ସେ କହିଛନ୍ତି । ଡ୍ରେନ୍ ପାଣି ଅବରୋଧ କରୁଥିବା ଜବରଦଖଲକୁ ତୁରନ୍ତ ହଟାଇବା ସହ ସମ୍ବେଦନଶୀଳ ଜାଗା ଚିହ୍ନଟ କରି ପମ୍ପସେଟ୍ ରଖିବା ଲାଗି ମଧ୍ୟ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିଲାଗି ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ, ୫ଟି ମହାନଗର ନିଗମର କମିଶନର୍ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସମନ୍ୱୟ ରକ୍ଷା କରି ମିଳିତ ପ୍ରୟାସ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି ।

***Desk***

## ଚକ୍ରନାରାୟଣ ଏକାଦଶୀ

ପୁରୀ ଶ୍ରୀମନ୍ଦିରରେ ଆଜି ଚକ୍ରବୁଲା ବା ଚକ୍ରନାରାୟଣ ଏକାଦଶୀ ନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ଶେଷ ହେବା ପରେ ବିମାନରେ ଅଧିଷ୍ଠିତ ହୋଇ ପ୍ରଭୁ ଚକ୍ର ନାରାୟଣ ବା ମହାପ୍ରଭୁଙ୍କ ସୁଦର୍ଶନ ଚକ୍ର ନଗର ପରିକ୍ରମା କରିବେ । ପୂର୍ବରୁ ଶ୍ରୀକ୍ଷେତ୍ରରେ ମହାମାରୀ ସମୟରେ ଲୋକେ ମୃତ୍ୟୁମୁଖରେ ପଡୁଥିଲେ । ଏଭଳି ସ୍ଥିତିରେ ମହାପ୍ରଭୁ ତାଙ୍କ ଆୟୁଧ ଚକ୍ରନାରାୟଣଙ୍କୁ ପଠାଇ ନଗରବାସୀଙ୍କ ଖବର ନେଉଥିବା କିମ୍ବଦନ୍ତୀ ରହିଛି । ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଚାରି ଆଶ୍ରମରେ ମହାପ୍ରଭୁ ବିଜେ ହୋଇ ଏହି ସ୍ୱତନ୍ତ୍ର ନୀତି ପାଳନ କରାଯାଇଥାଏ । ଏହି ବିଜେନୀତି ସହିତ ଠାକୁରଙ୍କର ରୋହିଣୀ ବୃକ୍ଷ ନକ୍ଷତ୍ର ନୀତି ମଧ୍ୟ ପାଳନ କରାଯିବ ।

***Met. O.***

## ପାଣିପାଗ

ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଜାରି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****